# ଅବକାରୀ ବିଭାଗର ୨୦୦୫-୦୬ ବର୍ଷର କାର୍ଯ୍ୟାବଳୀ ରିପୋର୍ଟ

ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ବିଭାଗ ଭାବେ ତା ୦୧.୧୨.୧୯୯୯ ରିଖରୁ ରାଜସ୍ୱ ଓ ଅବକାରୀ ବିଭାଗରୁ ପୃଥକ୍ ହୋଇ କାର୍ଯ୍ୟ କଲା । ଏହା ମୁଖ୍ୟତଃ ଏକ ରାଜସ୍ୱ ଆଦାୟକାରୀ ବିଭାଗ । ଏହି ବିଭାଗ ରାଜ୍ୟ ଅବକାରୀ ଆଇନକୁ ମଧ୍ୟ କାର୍ଯ୍ୟକାରୀ କରିଥାଏ ।

## ଅବକାରୀ ନୀତି

ଭାରତର ସମ୍ବିଧାନର ଅନୁଚ୍ଛେଦ ୪୭ ଅନୁସାରେ ପତ୍ୟେକ ରାଜ୍ୟ ନିଶା ନିବାରଣ କରିବାକୁ ପ୍ରୟାସ କରିବେ । ତେଣୁ ଜନସାଧାରଣଙ୍କୁ ସର୍ବଦା ମାଦକ ଦ୍ରବ୍ୟ ସେବନରୁ ନିବୃତ୍ତ କରାଇବା ଯେକୌଣସି କଲ୍ୟାଣକାରୀ ସରକାରଙ୍କ ପ୍ରକାଶ୍ୟ ନୀତି ଅଟେ । ଏହା ପ୍ରୟୋଗ ସିଦ୍ଧ ଭାବେ ଦେଖାଯାଇଅଛି ଯେ ସଂପୂର୍ଣ୍ଣ ନିଶା ନିବାରଣ କେବେ ସଫଳ ହୋଇ ନାହିଁ , ଯେତେବେଳେ ସଂପୁର୍ଣ୍ଣ ନିଶା ନିବାରଣ ପ୍ରୟୋଗ କରାଯାଇଛି, ସେତେବେଳେ ସରକାରଙ୍କର ଆଖିଦୃଶିଆ ରାଜସ୍ୱ କ୍ଷତି ହୋଇଅଛି ଓ ଜନସାଧାରଣ ଅପମିଶ୍ରିତ ଓ ଦୂଷିତ ମଦ ପିଇ ମୃତ୍ୟୁମୁଖରେ ପଡିଛନ୍ତି । ଏଣୁ ଅଧିକାଂଶ ରାଜ୍ୟ ପୁନର୍ବାର ଆଂଶିକ ନିଶା ନିବାରଣ ନୀତି ଅବଲମ୍ବନ କରି ମାଦକ ଦ୍ରବ୍ୟର କାରବାରକୁ ନିୟନ୍ତ୍ରଣ କରିବାପାଇଁ ବାଧ୍ୟ ହୋଇଛନ୍ତି । ବିଭିନ୍ନ ନ୍ୟାୟିକ ମାମଲାରେ ଏହା ମଧ୍ୟ ସ୍ୱୀକାର କରାଯାଇଅଛି ଯେ ମାଦକ ଦ୍ରବ୍ୟ କାରବାରର ବିଶେଷାଧିକାର ପ୍ରଦାନର ଏକମାତ୍ର ଉଦ୍ଦେଶ୍ୟ ହେଲା ରାଜସ୍ୱ ସଂଗ୍ରହ । ଏହାଦ୍ୱାରା ସରକାର ସତର୍କତାର ସହ ମାଦକ ଦ୍ରବ୍ୟର ନିୟନ୍ତ୍ରଣ ପାଇଁ ନୀତି ନିର୍ଦ୍ଧାରଣ କରନ୍ତି ଓ ପରିଣାମତଃ ସାମାଜିକ ରକ୍ଷଣଶୀଳତା ଉପରେ କୌଣସି ପ୍ରଭାବ ନ ପକାଇ ବିପୁଳ ପରିମାଣର ରାଜସ୍ୱ ଆଦାୟ କରିଥାନ୍ତି ।

ଭାରତର ସମ୍ବିଧାନର ଅନୁଚ୍ଛେଦ ୨୪୬(୩) ଅନୁସାରେ ତାଲିକା ୧୧ ର ୭ମ ଅନୁସୂଚୀ ଅନ୍ତର୍ଗତ ଯେକୌଣସି ବିଷୟରେ ରାଜ୍ୟବିଧାନ ମଣ୍ଡଳର ଆଇନ ପ୍ରଣୟନ କରିବାର ବିଶେଷ ଅଧିକାର ରହିଅଛି ।

ମଦ୍ୟପାନ ଏବେ ବି ସମାଜରେ ଘୃଣିତ ଓ ଅସଂଯତ ମଦ୍ୟପାନ ନିଶ୍ଚିତ ଭେବେ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ । ଏପରି ସ୍ଥଳେ ବ୍ୟକ୍ତିବିଶେଷଙ୍କୁ ମଦର କାରବାର କ୍ଷେତ୍ରରେ ସୁବିଧା ପ୍ରଦାନକୁ ବିଶେଷାଧିକାର ଭାବେ ଅଭିହିତ କରାଯାଇଛି ଓ ଏହି ବିଶେଷାଧିକା ପ୍ରାପ୍ତି ପାଇଁ ବ୍ୟକ୍ତିବିଶେଷଙ୍କୁ ପରିବେୟ (Cost) ଦେବାକୁ ପଡେ । ଏଣୁ ସେ ମଦର ବ୍ୟବସାୟୀ ପ୍ରସ୍ତୁତକର୍ତ୍ତା, ଆମଦାନୀକାରୀ, ପାଇକାରୀ ବିକ୍ରେତା, ବିତରକ ବା ଖୁଚୁରା ବିକ୍ରେତା ହୋଇଥାନ୍ତୁ ନା କାହିଁକି ତାଙ୍କୁ ଏହି ବିଶେଷ ସୁବିଧା ପ୍ରାପ୍ତି ପାଇଁ ସରକାରଙ୍କ ଦ୍ୱାରା ସ୍ଥିର ହୋଇଥିବା ପ୍ରତିଫଳ ମୂଲ୍ୟ, ଟିକସ, ଶୁଳ୍କ କିମ୍ବା ଫିସ୍ ଦେବାକୁ ପଡେ ।

ରାଜ୍ୟରେ ବିଦେଶୀ ମଦ ଓ ଦେଶୀ ମଦ (Country Spirit) ର ଏକଚାଟିଆ କାରବାର ରାଜ୍ୟ ସରକାର ଓଡିଶା ରାଜ୍ୟ ପାନୀୟ ନିଗମକୁ ପ୍ରଦାନ କରିଅଛନ୍ତି । ରାଜ୍ୟରେ ମଦର ଆମଦାନୀ ଓ ବିତରଣ କେବଳ ପାନୀୟ ନିଗମ ମାଧ୍ୟମରେ ହୋଇପାରିବ ଏବଂ ମଦ ପ୍ରସ୍ତୁତକାରୀ ସଂସ୍ଥାଗୁଡିକ ରାଜ୍ୟ ମଧ୍ୟରେ ପାନୀୟ ନିଗମ ବ୍ୟତୀତ ଅନ୍ୟ କାହାକୁ ମଦ ବିକ୍ରୟ କରିପାରିବେ ନାହିଁ । ମଦର ଖୁଚୁରା ବିକ୍ରୟ କେବଳ ରାଜ୍ୟ ସରକାରଙ୍କଠାରୁ ଲାଇସେନ୍ସ ପ୍ରାପ୍ତ ଖୁଚୁରା ବିକ୍ରେତାମାନଙ୍କ ଜରିଆରେ ନିୟନ୍ତ୍ରିତ।

ଯେହେତୁ ମଦ ବ୍ୟବସାୟରୁ ରାଜସ୍ୱ ସଂଗ୍ରହ ମୁଖ୍ୟ ଉଦ୍ଦେଶ୍ୟ ଓ ଯେହେତୁ ଅଧିକ ସମ୍ବଳ ସଂଗ୍ରହର ଉତ୍କଟ ଆବଶ୍ୟକତା ରହିଛି, ଲାଇସେନ୍ସ ପ୍ରାପ୍ତ ଦୋକାନ ସଂଖ୍ୟା ବଢାଇବା ଅପରିହାର୍ଯ୍ୟ ହୋଇଛି ।

ବିଦେଶୀ ମଦ ଓ ଦେଶୀ ମଦ (Country Spirit) ର ଏକଚାଟିଆ ପାଇକାରୀ କାରବାର ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅଟେ । ଅବକାରୀ ରାଜସ୍ୱ ଏହା ପରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ଗତ ପାଞ୍ଚବର୍ଷର ଅବକାରୀ ରାଜସ୍ୱ ଆଦାୟ ବିବରଣୀ ନିମ୍ନମତେ ପ୍ରଦାନ କରାଗଲା :-

| ବର୍ଷ | ( କୋଟି ଟଙ୍କାରେ) | ଶତକଡା ଅଭିବୃଦ୍ଧି ହାର |
|---|---|---|
| ୨୦୦୦-୨୦୦୧ | ୧୩୫.୩୫ | ୧୭.୮୮% |
| ୨୦୦୧-୨୦୦୨ | ୧୯୭.୩୫ | ୪୫.୮୧% |
| ୨୦୦୨-୨୦୦୩ | ୨୪୬.୦୭ | ୨୪.୬୯% |
| ୨୦୦୩-୨୦୦୪ | ୨୫୬.୬୯ | ୪.୩୧% |
| ୨୦୦୪-୨୦୦୫ | ୩୦୬.୬୧ | ୧୯.୪୪% |
| (ଡିସେମ୍ବର ମାସ ସୁଦ୍ଧା) | ୧୭୬.୧୫ | |
| ୨୦୦୫-୨୦୦୬<br>(ଡିସେମ୍ବର ମାସ ସୁଦ୍ଧା) | ୨୨୩.୬୩ | ୨୬.୯୫% |

ଏଣୁ, ଏଥିରୁ ଏହା ସ୍ପଷ୍ଟ ଯେ ଅବକାରୀ ରାଜସ୍ୱ ଯାହାକି ନାମକୁ ମାତ୍ର ରାଜସ୍ୱ ଥିଲା ଏବେ କ୍ରମଶଃ ରାଜ୍ୟର ମୁଖ୍ୟ ସମ୍ବଳ ଭାବେ ପରିଗଣିତ ହେଉଛି ।

## ଭାରତ ପ୍ରସ୍ତୁତ ବିଦେଶୀ ମଦ ଓ ବିୟର

ଭାରତ ପ୍ରସ୍ତୁତ ବିଦେଶୀ ମଦ ଓ ବିୟରରୁ ଶୁଳ୍କ ଓ ଫି ବାବଦକୁ ଆଦାୟ ହେଉଥିବା ରାଜସ୍ୱ ଅବକାରୀ ରାଜସ୍ୱର ଏକ ମୁଖ୍ୟ ଉତ୍ସ । ବର୍ତ୍ତମାନ ରାଜ୍ୟରେ ୬୯୭ ଟି ଠିପିବନ୍ଦ ବିଦେଶୀ ମଦ ଦୋକାନ, ୧୮୪ ଟି ଠିପିଖୋଲା ବିଦେଶୀ ମଦ ଦୋକାନ, ୧୩ ଟି ଠିପିଖୋଲା କ୍ଲବ୍ ଏବଂ ୨୩ ଟି ବିୟର ପାର୍ଲର ଅଛି (୩୧.୧୨.୨୦୦୫ସୁଦ୍ଧା)।

ଠିପିବନ୍ଦ ବିଦେଶୀ ମଦ ଦୋକାନ ଲଟେରୀ ମାଧ୍ୟମରେ ବନ୍ଦୋବସ୍ତ କରାଯାଇଥାଏ। ଚଳିତ ବର୍ଷ ୨୦୦୫-୦୬ ଡିସେମ୍ବର ମାସ ସୁଦ୍ଧା ଏହି ଠିପିବନ୍ଦ ବିଦେଶୀ ମଦ ଦୋକାନଗୁଡିକର ଜରସମନ ମୂଲ୍ୟର ପରିମାଣ ୨୭.୭୩ କୋଟି ଟଙ୍କା । ଏହି ପ୍ରତ୍ୟାଭୂତି ଅର୍ଥ ବ୍ୟତୀତ ଖୁଚୁରା ବିକ୍ରେତାମାନେ ଉଠାଉଥିବା

ବିଦେଶୀ ମଦ ଓ ବିୟରର ଖୁଚୁରା ବିକ୍ରେତାମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ପରିମାଣରେ ବିଦେଶୀ ମଦ ଓ ବିୟର ଉଠାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ ଏବଂ ସେଥିରୁ ଅବକାରୀ ଶୁଳ୍କ ମିଳିଥାଏ ।

## ମହୁଲିମଦ(out Still)

ବର୍ତ୍ତମାନ ରାଜ୍ୟରେ ୨୦ ଗୋଟି ଜିଲ୍ଲା, ଯଥା-ସମ୍ବଲପୁର, ବରଗଡ, ଝାରସୁଗୁଡା, ଦେଓଗଡ, କଳାହାଣ୍ଡି, ନୂଆପଡା, ବଲାଙ୍ଗିର, ସୋନପୁର, ବୌଦ୍ଧ, କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନଗରି, ସୁନ୍ଦରଗଡ, ଅନୁଗୁଳ, କେନ୍ଦୁଝର, ମୟୁରଭଞ୍ଜ, ଗଞ୍ଜାମ, ଗଜପତି ଓ ଢେଙ୍କାନାଳ ମାନଙ୍କରେ ମହୁଲିମଦ ପ୍ରଚଳନ କାରଯାଇଛି । ଏହି ମହୁଲିମଦ ଦୋକାନ ଗୁଡିକ ଲଟେରୀ ମାଧ୍ୟମରେ ବନ୍ଦୋବସ୍ତ କରାଯାଇଥାଏ । ବର୍ତ୍ତମାନ ରାଜ୍ୟରେ ୫୧୪ ଗୋଟି ମୁଖ୍ୟ ଓ ୫୪୮ ଗୋଟି ଶାଖା ମହୁଲିମଦ ଦୋକାନ ଅଛି । ସରକାର ଏହି ମୁଖ୍ୟ ଓ ଶାଖା ଦୋକାନ ଗୁଡିକରୁ ଚଳିତ ବର୍ଷ ଡିସେମ୍ବର ମାସ ଶେଷ ସୁଦ୍ଧା ୩୦.୧୯ କୋଟି ଟଙ୍କା ଜରସମନ ମୂଲ୍ୟ ଭାବେ ପାଇଛନ୍ତି ।

## ଦେଶୀ ମଦ(Country Spirit)

୨୦୦୫-୦୬ ବର୍ଷରେ କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, ପୁରୀ, ନୟାଗଡ, ଖୋର୍ଦ୍ଧା, ଫୁଲବାଣୀ, ବାଲେଶ୍ୱର ଓ ଭଦ୍ରକ ଆଦି ୧୦ ଟି ଜିଲ୍ଲାରେ ଦେଶୀ ମଦ ପ୍ରଚଳନ କରାଯାଇଛି । ଦେଶୀ ମଦ ଦୋକାନଗୁଡିକ ଲଟେରୀ ମାଧ୍ୟମରେ ବନ୍ଦୋବସ୍ତ ହୋଇଥାଏ । ରାଜ୍ୟରେ ମୋଟ ୧୦୪ ଗୋଟି ଦେଶୀ ମଦ (C.S) ଦୋକାନ ଅଛି । ସରକାର ଦେଶୀ ମଦରୁ ଚଳିତ ବର୍ଷ ଡିସେମ୍ବର ମାସ ଶେଷ ସୁଦ୍ଧା ୩.୮୪ କୋଟି ଟଙ୍କା ଜରସମନ ମୂଲ୍ୟ ଭାବେ ପାଇଛନ୍ତି ।

## ଡିଷ୍ଟିଲାରୀ, ବ୍ରିୱେରୀ ଓ ବଟଲିଙ୍ଗ ପ୍ଲାଣ୍ଟ

ରାଜ୍ୟରେ ୪ ଟି ଡିଷ୍ଟିଲାରୀ, ୧୧ ଟି ବଟଲିଙ୍ଗ ପ୍ଲାଣ୍ଟ ଓ ଦୁଇଟି ବ୍ରିୱେରୀ ଅଛି । ରାଜ୍ୟ ଭିତରେ ଏଗୁଡିକର ବାର୍ଷିକ ଉତ୍ପାଦନ କ୍ଷମତା ୧୨୮.୨୫ ଲକ୍ଷ ଲିଟର ଭାରତ ପ୍ରସ୍ତୁତ ବିଦେଶୀ ମଦ ଓ ୧୬୫.୦୦ ଲକ୍ଷ ଲିଟର ବିୟର ।

## ବିଦେଶୀ ମଦ ଓ ବିୟର ଉଠାଣ

୨୦୦୪-୦୫ ମସିହାରେ ୧୧୦.୧୧ ଲକ୍ଷ ଏଲ୍.ପି.ଏଲ୍ ଭାରତ ପ୍ରସ୍ତୁତ ବିଦେଶୀ ମଦଓ ୨୨୫.୪୫ ଲକ୍ଷ ବି.ଏଲ୍. ବିୟର ଉଠାଣ ହୋଇଥିବାବେଳେ ଚଳିତ ବର୍ଷ ଡିସେମ୍ବର ମାସ ଶୁଦ୍ଧା ୮୯.୫୯ ଲକ୍ଷ ଏଲ୍.ପି.ଏଲ୍ ଭାରତ ପ୍ରସ୍ତୁତ ବିଦେଶୀ ମଦ ଓ ୧୮୨.୩୧ ଲକ୍ଷ ବି.ଏଲ୍ ବିୟର ଉଠାଯାଇଅଛି ।

## ଓଡିଶା ରାଜ୍ୟ ପାନୀୟ ନିଗମର କାର୍ଯ୍ୟ

ରାଜ୍ୟ ସରକାର ଓଡିଶା ରାଜ୍ୟ ପାନୀୟ ନିଗମ ଗଠନ କରି ବିଦେଶୀ ମଦ ଓ ଦେଶୀ (Country Spirit) ର ଏକଚାଟିଆ କାରବାର ହାତକୁ ନେଇଅଛନ୍ତି । ସେହି ଅନୁଯାୟୀ କମ୍ପାନୀ ଆଇନ, ୧୯୫୬ ଅନୁସାରେ ଓଡିଶା ରାଜ୍ୟ ପାନୀୟ ନିଗମକୁ ରାଜ୍ୟର ଏକ ସଂପୂର୍ଣ୍ଣ ନିୟନ୍ତ୍ରଣାଧୀନ ନିଗମ ଭାବେ ପଞ୍ଜିକୃତ କରାଯାଇଛି । ଏହା ଫଳରେ ଅବକାରୀ ଶୁଳ୍କ ଓ ବିକ୍ରୀକର ଆଦାୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ଅବକାରୀ ଶୁଳ୍କ ଓ ବିକ୍ରୀକର ବୃଦ୍ଧିର ଏକ ତୁଳନାତ୍ମକ ବିବରଣୀ ନିମ୍ନରେ ପ୍ରଦାନ କରାଗଲା :-

| କ୍ର. ନଂ | ନାମ | ୨୦୦୧-୦୨ (କୋଟି ଟଙ୍କାର) | ୨୦୦୨-୦୩ (କୋଟି ଟଙ୍କାର) | ୨୦୦୩-୦୪ (କୋଟି ଟଙ୍କାର) | ୨୦୦୪-୦୫ (କୋଟି ଟଙ୍କାର) | ୨୦୦୫-୦୬ (କୋଟି ଟଙ୍କାର) ଡିସେମ୍ବର ମାସ ଶେଷ ସୁଦ୍ଧା) |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧. | ଅବକାରୀ ଶୁଳ୍କ | ୧୦୮.୨୫ | ୧୩୭.୩୭ | ୧୪୩.୭୨ | ୧୬୪.୪୬ | ୧୩୪.୦୩ |
| ୨. | ବିକ୍ରିକର ଓ ପ୍ରବେଶକର | ୪୬.୪୧ | ୫୮.୨୪ | ୬୯.୩୯ | ୭୩.୮୫ | ୬୪.୮୧ |
| **ମୋଟ** | | **୧୫୪.୬୬** | **୧୯୫.୬୧** | **୨୧୩.୧୧** | **୨୩୮.୩୧** | **୧୯୮.୮୪** |

ନିଗମର ପ୍ରାଧିକୃତ ପୁଞ୍ଜିରାଶି ୫.୦୦ କୋଟି ଟଙ୍କା ହୋଇଥିବାବେଳେ ରାଜ୍ୟସରକାର ନିଗମକୁ ଅଂଶଧନ ବାବଦରେ ୧.୦୦ କୋଟି ଟଙ୍କା ଓ ଋଣ ବାବଦରେ ୧.୦୦ କୋଟି ଟଙ୍କା ଦେଇ ଅଛନ୍ତି । ଏହି ଋଣ ରାଶି ଉପରେ ପାନୀୟ ନିଗମ ରାଜ୍ୟ ସରକାରଙ୍କୁ ଶତକଡା ୨୪% ସୁଧ ପଇଠ କରୁଅଛି । ନିଗମ ଖୋର୍ଦ୍ଧା, କଟକ, ବ୍ରହ୍ମପୁର, ସମ୍ବଲପୁର,ବାଲେଶ୍ୱର ଓ ରାୟଗଡା ଠାରେ ଡିପୋ ମାନ ଖୋଲିଅଛି । ନିଗମ ବ୍ରହ୍ମପୁର, ଖୋର୍ଦ୍ଧା ଓ ବାଲେଶ୍ୱରରେ ମଧ୍ୟ ଦେଶୀ ମଦ ଡିପୋ ମାନ ଖୋଲିଛନ୍ତି । ମଦର ଚାହିଦାକୁ ଦୃଷ୍ଟିରେ ରଖି ଆଉ ୩ ଗୋଟି ନୂତନ ଡିପୋ କେନ୍ଦୁଝର, ଅନୁଗୁଳ ଏବଂ ବଲାଙ୍ଗିର ଠାରେ ଖୋଲାଯିବାପାଇଁ ପ୍ରସ୍ତାବ ରଖା ଯାଇଛି ।

ନିଗମର ୨୦୦୧-୦୨ ବର୍ଷରେ ମୋଟ କାରବାର ୨୭୫.୪୩ କୋଟି ଟଙ୍କା ଓ ୨୦୦୨-୦୩ ବର୍ଷରେ ମୋଟ କାରବାର ୩୪୭.୩୪ କୋଟି ଟଙ୍କା ଓ ୨୦୦୩-୦୪ ବର୍ଷରେ ମୋଟ କାରବାର ୩୭୮.୦୦ କୋଟି ଟଙ୍କା ଓ ୨୦୦୪-୦୫ ବର୍ଷରେ ନିଗମର ମୋଟ କାରବାର ୪୫୨.୩୮ କୋଟି ଟଙ୍କା ଅଟେ ।

ଚଳିତ ୨୦୦୫-୦୬ ବର୍ଷରେ ଡିସେମ୍ବରମାସ ଶେଷ ସୁଦ୍ଧାନିଗମର ବାରବାର ୩୭୪.୯୧ କୋଟି ଟଙ୍କା ଅଟେ।

ନିଗମ ୨୦୦୩-୦୪ ବର୍ଷରେ ଲାଇସେନ୍ସ ଫି ବାବଦରେ ୬.୦୦ କୋଟି ଟଙ୍କା ଓ ପ୍ରିଭିଲେଜ୍ ବାବଦକୁ ୫.୦୦ କୋଟି ଟଙ୍କା ପ୍ରଦାନ କରିଥିଲା ।

ସେହିପରି ୨୦୦୪-୦୫ ବର୍ଷ ପାଇଁ ନିଗମ ଲାଇସେନ୍ସ ଫି ବାବଦକୁ ୧୦.୦୦କୋଟି ଟଙ୍କା ଓ ପ୍ରିଭିଲେଜ ଫି ବାବଦକୁ ୫.୦୦ କୋଟି ଟଙ୍କା ପ୍ରଦାନ କରିଛି ।

ଚଳିତ ବର୍ଷ ୨୦୦୫-୦୬ ପାଇଁ ନିଗମ ଲାଇସେନ୍ସ ଫି ବାବଦକୁ ୧୨.୦୦ କୋଟି ଟଙ୍କା ଓ ପ୍ରିଭିଲେଜ୍ ଫି ବାବଦକୁ ୫.୦୦ କୋଟି ଟଙ୍କା ଏବଂ ଅତିରିକ୍ତ ଲାଇସେନ୍ସ ଫି ଟ. ୫.୦୦ କୋଟି ଟଙ୍କା ପ୍ରଦାନ କରିଛି ।

## ବଳବତ୍‌କରଣ

ରାଜ୍ୟର ଚାରିଗୋଟି ଅବକାରୀ ଗୋଇନ୍ଦାସଂସ୍ଥା ଓ ବଳବତ୍‌କରଣ ବ୍ୟୁରେ(ଇ.ଆଇ ଆଣ୍ଡ .ଇ.ବି ୟୁନିଟ୍) ରହିଅଛି । ଏହା ମଧ୍ୟରୁ ଗୋଟିଏ କରି ୟୁନିଟ୍ ଅବକାରୀ ଗୋଇନ୍ଦା ଓ ବଳବତ୍‌କରଣ ସଂସ୍ଥାର ଶାଖା, ତିନିଗୋଟି ଅବକାରୀ ଉପ-ଆୟୁକ୍ତଙ୍କ ଅଧୀନରେ କଟକ, ବ୍ରହ୍ମପୁର ଓ ସମ୍ବଲପୁରଠାରେ କାର୍ଯ୍ୟରତ ଓ ଗୋଟିଏ ଅବକାରୀ ଗୋଇନ୍ଦା ଓ ବଳବତ୍‌କରଣ ସଂସ୍ଥାର ଶାଖା ରାଜ୍ୟର ଅବକାରୀ କମିଶନରଙ୍କ ଅଧୀନରେ ଅବସ୍ଥାପିତ । ଏତଦ୍‌ବ୍ୟତୀତ ଜିଲ୍ଲାମାନଙ୍କରେ ଫ୍ଲାଇଙ୍ଗସ୍କ୍ୱାର୍ଡ ଓ ଭ୍ରାମ୍ୟମାଣ ଶାଖାମାନ ଅବକାରୀ ବଳବତ୍‌କରଣ କାର୍ଯ୍ୟ କରୁଅଛନ୍ତି । ଚଳିତ ଆର୍ଥିକ ବର୍ଷର ଡିସେମ୍ବର ମାସ ଶେଷ ସୁଦ୍ଧା ଓ ବିଗତ ବର୍ଷର ଅବକାରୀ ବଳତ୍‌କରଣ କାର୍ଯ୍ୟାବଳୀର ଏକ ତୁଳନାତ୍ମକ ବିବରଣୀ ନିମ୍ନରେ ଦିଆଯାଇଅଛି :-

| ଧରପଗଡର ବିବରଣୀ | | | ବର୍ଷ | |
|---|---|---|---|---|
| | | | ୨୦୦୪-୦୫ | ୨୦୦୫-୦୬ (ଡିସେମ୍ବର ମାସ ୨୦୦୫ ପର୍ଯ୍ୟନ୍ତ) |
| ୧. | ରୁଜୁ ହୋଇଥିବା ମାମଲା ସଂଖ୍ୟା | | ୩୦,୫୪୧ | ୨୩,୧୯୧ |
| ୨. | ଗିରଫ ବ୍ୟକ୍ତିଙ୍କ ସଂଖ୍ୟା | | ୧୫,୭୩୨ | ୧୧,୪୩୮ |
| ୩. | ଜବତ ଜିନିଷର ପରିମାଣ | | | |
| | କ. | ଆଇ.ଡି.ମଦ | ୨,୫୭,୬୨୭ ଲିଟର | ୨,୩୬,୬୮୭ ଲିଟର |
| | ଖ. | ଭାରତ ପ୍ରସ୍ତୁତ ବିଦେଶୀ ମଦ | ୧୧,୬୫୨ ଏଲ୍. ପି. ଏଲ୍ | ୪,୧୭୧ ଏଲ୍.ପି. ଏଲ୍ |
| | ଗ. | ବିୟର | ୧୦,୩୯୪ ବି.ଏଲ୍ | ୪,୮୫୪ ବି.ଏଲ୍ |
| | ଘ. | ପୋଚ | ୪୮,୩୬,୮୮୯ କି.ଗ୍ରା | ୩୦,୮୧,୨୪୯ କି.ଗ୍ରା |

## ବେଆଇନ ମଦ ରୋକିବା ପାଇଁ ପଦକ୍ଷପ

ବେଆଇନ ମଦ ରନ୍ଧା ନିୟନ୍ତ୍ରଣ ନ ହେବା ପର୍ଯ୍ୟନ୍ତ ଆଶାନୁରୂପକ ଅବକାରୀ ରାଜସ୍ୱ ଆଦାୟ ହେବା ସମ୍ଭବ ନୁହେଁ । ଅବକାରୀ ଶୁଳ୍କ ଫାଙ୍କି ହୋଇନଥିବା ମଦର ପ୍ରସାରକୁ ରୋକିବାପାଇଁ ଓ ଚିହ୍ନଟ କରିବାପାଇଁ ପ୍ରତି ମଦ ବୋତଲ / ଦେଶୀ ମଦ ପ୍ୟାକେଟ ଉପରେ ଅନନ୍ୟ କ୍ରମିକ ନମ୍ବର ଥିବା ଅବକାରୀ ଅଠାପଟି (ଆଡେସିଭ୍ ଲେବ୍‌ଲ୍) ଲଗାଯାଉଅଛି । ଏହା ଛଡା ବେଆଇନ ମଦ ରନ୍ଧା କେନ୍ଦ୍ର ମାନଙ୍କରେ ବ୍ୟାପକ ଚଢାଉ କରିବାପାଇଁ ପୋଲିସ୍, ଅବକାରୀ ଓ ଜଙ୍ଗଲ ବିଭାଗର ଖ୍ୟାତିସଂମ୍ପନ୍ନ ବଛା ବଛା ଅଧିକାରୀମାନଙ୍କୁ ନେଇ ମଲ୍‌ଟି-ଡିସିପ୍ଲିନାରୀ ସ୍କ୍ୱାର୍ଡ ଗଠନ କରିବାକୁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଅବକାରୀ ବିଭାଗର କମ୍ପ୍ୟୁଟରୀ କରଣ

ଏକାଦଶ ଅର୍ଥ କମିଶନଙ୍କ ଅନୁଦାନରେ ସମସ୍ତ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ଅବକାରୀ ଡେପୁଟି କମିଶନର ମାନଙ୍କର କାର୍ଯ୍ୟାଳୟ, ଅବକାରୀ କମିଶନରଙ୍କ କାର୍ଯ୍ୟାଳୟ ଓ ଅବକାରୀ ବିଭାଗକୁ କମ୍ପ୍ୟୁଟର ଯୋଗାଇ ଦିଆଯାଇଛି । ଏହି ଉଦ୍ଦେଶ୍ୟରେ ୫୦.୦୦ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା ଏବଂ ତାହା ଏହି ଉଦ୍ଦେଶ୍ୟରେ ବିନିଯୋଗ ହୋଇଅଛି ।

## କର୍ମଚାରୀ ସଂଖ୍ୟା

ରାଜ୍ୟରେ ଏକ ଅବକାରୀ ନିର୍ଦ୍ଦେଶାଳୟ ରହିଅଛି । ଅବକାରୀ କମିଶନର, ଏହାର ମୁଖ୍ୟ ଅଟନ୍ତି , ତାଙ୍କ ଅଧିନରେ କଟକ, ବ୍ରହ୍ମପୁର ଓ ସମ୍ବଲପୁର ଠାରେ ତିନି ଜଣ ଅବାକରୀ ଉପ କମିଶନର ଅଛନ୍ତି । ରାଜ୍ୟ ମଞ୍ଜୁରୀପ୍ରାପ୍ତ ଅବକାରୀ କ୍ଷେତ୍ର କର୍ମଚାରୀଙ୍କ ସଂଖ୍ୟା ନିମ୍ନରେ ଦର୍ଶାଗଲା :-

| | | |
|---|---|---|
| ୧. | ଅବକାରୀ ଅଧିକ୍ଷକ | ୨୭ |
| ୨. | ଉପ-ଅବକାରୀ ଅଧିକ୍ଷକ | ୭ |
| ୩. | ଅବକାରୀ ନିରୀକ୍ଷକ | ୭୯ |
| ୪. | ଉପ-ଅବକାରୀ ନିରୀକ୍ଷକ | ୨୦୫ |
| ୫. | ସହକାରୀ ଉପ ଅବକାରୀ ନିରୀକ୍ଷକ | ୧୮୫ |
| ୬. | କନେଷ୍ଟବଲ | ୧,୧୨୭ |

## ବଜେଟ

ଅବକାରୀ ବିଭାଗ ପାଇଁ ୨୦୦୫-୦୬ ଆର୍ଥିକ ବର୍ଷରେ ୧୪.୩୩ କୋଟି ଟଙ୍କା ଅର୍ଥ ବ୍ୟବସ୍ଥା କରାଯାଇଛି । ଏହା ବ୍ୟତୀତ ପ୍ରଥମ ଅତିରିକ୍ତ ବଜେଟ ରେ ୬୬.୫୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ୨୦୦୫-୦୬ ବର୍ଷ ଅବକାରୀ ବିଭାଗ, ଅବକାରୀ ରାଜସ୍ୱ ଓ ବିକ୍ରୀ କରକୁ ଛାଡି ମୋଟ ୫୦୨.୦୦ କୋଟି ଟଙ୍କା ଆଦାୟ କରିବାକୁ ପ୍ରତିଶୃତି ବଦ୍ଧ ଅଛି । ରାଜ୍ୟରେ ଆଉ ନୂତନ ମଦ ଦୋକାନ ନ ଖୋଲିବାପାଇଁ ତା. ୧୬.୧୧.୨୦୦୫ ରିଖରେ ନିଷ୍ପତ୍ତି ନିଆଯିବା ଫଳରେ ଧାର୍ଯ୍ୟ ହୋଇଥିବା ଅବକାରୀ ରାଜସ୍ୱ ଆଦାୟରେ ବାଧା ସୃଷ୍ଟି ହୋଇଛି । ମୁଣ୍ଡ ପିଛା କମ୍ ମଦ ବ୍ୟବହାର (Consumption) କୁ ଦୃଷ୍ଟିରେ ରଖି, ଅବକାରୀ ରାଜସ୍ୱ ଆଦାୟ ବୃଦ୍ଧି କରିବାକୁ ହେଲେ ଅବକାରୀ ଭିତ୍ତିଭୂମିକୁ ଦୃଢ କରିବା ଆବଶ୍ୟକ ।

## ମଦ ମୃତ୍ୟୁ କମିଶନ

ରାଜ୍ୟ ସରକାର ଅବକାରୀ ବିଭାଗ ନୋଟିଫିକେସନ୍ ନଂ ୧୧୫୬ ତା ୨୪.୦୨.୨୦୦୧ ରେ ଖୋର୍ଦ୍ଧା ଜିଲ୍ଲା ଦୌରା ଜଜ୍ ଶ୍ରୀ ଏମ୍.ଏନ୍. ପଟ୍ଟନାୟକ ଙ୍କୁ ନେଇ ୨୦୦୧ ବର୍ଷରେ ଫେବୃୟାରୀ ମାସର ପ୍ରଥମାର୍ଦ୍ଧରେ ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ଘଟି ଯାଇଥିବା ମଦ ମୃତ୍ୟୁର ତଦନ୍ତ ନିମନ୍ତେ ଏକ ତଦନ୍ତ କମିଶନ ଗଠନ କରିଥିଲେ । କିନ୍ତୁ ଶ୍ରୀ ଏମ୍ . ଏନ୍. ପଟ୍ଟନାୟକ ୨୦୦୪ ମସିହା

ଫେବୃୟାରୀ ମାସରେ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିବା ଯୋଗୁ ସରକାରଙ୍କୁ ରିର୍ପୋଟ ପ୍ରଦାନ କରିପାରି ନଥିଲେ । ପରବର୍ତ୍ତୀ ସମୟରେ ଶ୍ରୀ ଏମ୍. ଏନ୍ . ପଟ୍ଟନାୟକ ତଦନ୍ତ କାର୍ଯ୍ୟ ଶେଷ କରିବାକୁ ଅବକାରୀ ବିଭାଗ ନୋଟିଫିକେସନ ନଂ ୩୩୫୫ ତା ୨୧.୦୬.୨୦୦୪ ରେ ପୁନଃ ନିଯୁକ୍ତି ଦିଆଯାଇଥିଲା ଓ ଏହାର କାର୍ଯ୍ୟକାଳ ଶେଷଥର ପାଇଁ ତା ୦୫.୧୨.୨୦୦୫ ରିଖ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଥିଲା ।

ଇତି ମଧ୍ୟରେ କମିଶନ ତା ୦୨.୧୨.୨୦୦୫ ରିଖ ରେ ତାଙ୍କର ତଦନ୍ତ ରିର୍ପୋଟ ସରକାରଙ୍କୁ ପ୍ରଦାନ କରିଛନ୍ତି ଓ ସରକାର ଏହାକୁ ମଧ୍ୟ ଗ୍ରହଣ କରିଛନ୍ତି । ଏହା ଉପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।